# NATIONAL NEWS BULLETIN (ODIA)
## 25 March - 2025
## Morning Bulletin : 7.15 a.m.
*********************************

## ମୁଖ୍ୟ ସମ୍ବାଦ

- ସାମାଜିକ ପ୍ରତିବଦ୍ଧତା ବୃଦ୍ଧିରେ ମନ୍ କି ବାତ୍ କାର୍ଯ୍ୟକ୍ରମ ପାଇଁ ଆସୁଥିବା ମତାମତ ଯଥେଷ୍ଟ ସହାୟକ ହେଉଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଯକ୍ଷ୍ମା ନିରାକରଣ ଅଭିଯାନରେ ଦେଶର ସମସ୍ତ ଜିଲ୍ଲାକୁ ସାମିଲ କରାଯିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଘୋଷଣା ।
- ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଅଧୀନରେ ଗତ ଆର୍ଥିକ ବର୍ଷରେ ସର୍ବାଧିକ ଅଭିବୃଦ୍ଧି ହାସଲ କରିଛି ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ ।
- ଭାରତ ସହ ରୁଷ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବାକୁ ପଦକ୍ଷେପ ନେଉଛି ବୋଲି ସୂଚନା ଦେଲେ ରୁଷ ବୈଦେଶିକ ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ୧ ଓ୍ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୦ତମ ସଂସ୍କରଣ । ଏଥିପାଇଁ ଜନସାଧାରଣମାନଙ୍କ ଠାରୁ ମତାମତ ଲୋଡ଼ା ଯାଇଛି । ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏହି କାର୍ଯ୍ୟକ୍ରମ ପାଇଁ ଦେଶର ବିଭିନ୍ନ କୋଣରୁ ତାଙ୍କ ପାଖକୁ ମତାମତ ଆସୁଛି । ଏଥିପାଇଁ ସେ ଅତ୍ୟନ୍ତ ଆନନ୍ଦିତ । ସାମାଜିକ ପ୍ରତିବଦ୍ଧତା ବୃଦ୍ଧିରେ ଏହି ମତାମତ ଯଥେଷ୍ଟ ସହାୟକ ହେଉଛି ବୋଲି ସେ କହିଛନ୍ତି ।

ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୮ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ନଡ୍ଡା

ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଯକ୍ଷ୍ମା ନିରାକରଣ ଅଭିଯାନରେ ଦେଶର ସମସ୍ତ ଜିଲ୍ଲାକୁ ସାମିଲ କରାଯିବ । ପୂର୍ବରୁ ୪୫୫ଟି ଜିଲ୍ଲାକୁ ଏହି ଅଭିଯାନରେ ପ୍ରାଥମିକତା ପ୍ରଦାନ କରାଯାଇଥିଲା । ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଶିଖର ସମ୍ମିଳନୀକୁ ଗତକାଲି ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି, ୧୦୦ ଦିନର ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ପାଖାପାଖି ୧୩କୋଟି ଲୋକଙ୍କର ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୭ ଲକ୍ଷରୁ ଅଧିକ ନୂଆ ମାମଲା ଚିହ୍ନଟ ହୋଇଛି । ଦେଶରେ ଯକ୍ଷ୍ମା ଚିକିତ୍ସା ପରିସରକୁ ୫୯ ପ୍ରତିଶତରୁ ୮୫ ପ୍ରତିଶତକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ଯକ୍ଷ୍ମା ମୁକ୍ତ ଭାରତ ଲକ୍ଷ୍ୟ ହାସଲ କରିବାକୁ ସରକାର ସମସ୍ତ ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ବିଶ୍ୱରେ ଯକ୍ଷ୍ମାର ହାରାହାରି ହ୍ରାସ ୮ ଦଶମିକ୍ ୩ ପ୍ରତିଶତ ହୋଇଥିବା ବେଳେ ଭାରତରେ ଏହା ୧୭ ଦଶମିକ୍ ୭ ପ୍ରତିଶତ ରହିଛି । ଭାରତର ଯକ୍ଷ୍ମା ନିରାକରଣ ଅଭିଯାନକୁ ସମଗ୍ର ବିଶ୍ୱ ଅନୁସରଣ କରୁଛି ବୋଲି

ଉଲ୍ଲେଖ କରିବା ସହ ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି, ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅଧୀନରେ ଏବେ ଏକକୋଟି ୫୧ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି ।

## ଡିଫେନ୍ସ ପ୍ରଡକ୍ଟ

ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଅଧୀନରେ ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନରେ ସର୍ବାଧିକ ଅଭିବୃଦ୍ଧି ହାସଲ ହୋଇଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ପ୍ରତିରକ୍ଷା ଉତ୍ପାଦ ଗତ ଆର୍ଥିକ ବର୍ଷରେ ଏକ ଲକ୍ଷ ୨୭ ହଜାର କୋଟି ଟଙ୍କାରେ ପହଞ୍ଚିଛି । ମନ୍ତ୍ରଣାଳୟ କହିଛି, ୨୦୧୪-୧୫ରେ ପ୍ରତିରକ୍ଷା ଉତ୍ପାଦନର ମୂଲ୍ୟ ୪୬ ହଜାର ୪୨୯ କୋଟି ଟଙ୍କା ଥିବା ବେଳେ ଏବେ ଏହା ୧୭୪ ପ୍ରତିଶତ ବୃଦ୍ଧି ପାଇଛି । ଭାରତ ଏବେ ସ୍ୱଦେଶୀ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି କରୁଥିବା ବେଳେ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଉଛି । ଘରୋଇ ସାମର୍ଥ୍ୟ ମାଧ୍ୟମରେ ଦେଶ ନିଜର ସାମରିକ ଶକ୍ତିକୁ ଅଧିକ ସୁଦୃଢ଼ କରିପାରିଛି ବୋଲି ମନ୍ତ୍ରଣାଳୟ କହିଛି । ପ୍ରତିରକ୍ଷା ରପ୍ତାନୀ ୨୦୧୩-୧୪ରେ ୬୮୬ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ରେ ଏହା ସର୍ବୋଚ୍ଚ ସ୍ତର ୨୧ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଗତ ୧୦ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ୩୦ ଗୁଣ ଅଭିବୃଦ୍ଧି ଘଟିଥିବା ମନ୍ତ୍ରଣାଳୟ କହିଛି ।

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବ୍ୟବସାୟକୁ ସହଜ କରିବା ଲକ୍ଷ୍ୟ ନେଇ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ନେପାଳ ଭାରତ ସ୍କୁଲ୍

ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ନେପାଳର ଦୈଲେଖ ଅନ୍ତର୍ଗତ ଡୁଲୁ ମ୍ୟୁନିସିପାଲିଟି ସ୍ଥିତ ଶ୍ରୀ ନେପାଳ ରାଷ୍ଟ୍ରୀୟ ମାଧ୍ୟମିକ ବିଦ୍ୟାଳୟ ବହୁମୁଖୀ କୋଠା ନିର୍ମାଣ କରାଯିବ । ୩୯ ନିୟୁତ ନେପାଳୀ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ବିଦ୍ୟାଳୟ ଗୃହର ଗତକାଲି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଭାରତ-ନେପାଳ ବିକାଶ ସହଯୋଗ ଅଧୀନରେ ଏହି ବହୁମୁଖୀ କୋଠା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ହସ୍ତଶିଳ୍ପ ପ୍ରଦର୍ଶନୀ ଅଞ୍ଚଳ, ପାଠାଗାର, ଡୁଲୁ ସାମ୍ରାଜ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ସୁବିଧା ସୁଯୋଗ ରହିବ । ଏହି ପ୍ରକଳ୍ପକୁ ହାଇ ଇମ୍ପ୍ୟାକ୍ଟ କମ୍ୟୁନିଟି ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି । ଗତକାଲିର କାର୍ଯ୍ୟକ୍ରମରେ କର୍ଣ୍ଣାଲି ପ୍ରଦେଶ ସରକାରଙ୍କ ସାମାଜିକ ବିକାଶ ମନ୍ତ୍ରୀ ଘନଶ୍ୟାମ ଭଣ୍ଡାରୀ, କାଠମାଣ୍ଡୁ ସ୍ଥିତ ଭାରତୀୟ ଦୂତାବାସର କାଉନ୍‌ସେଲର ଅଭିନାଶ କୁମାର

ସିଂହ, ଦୈଲେଖ ଡୁଲୁ ମ୍ୟୁନିସିପାଲ୍ଟିର ମେୟର ଭାରତ ପ୍ରସାଦ ରିଜାଲ ଯୋଗ ଦେଇଥିଲେ ।

## ପୁଷ୍କର ସିଂହ ଧାମି

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି, ଏକକ ନାଗରିକ ସଂହିତା ରାଜ୍ୟର ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କ ଧର୍ମ ଏବଂ ଜାତି ନିର୍ବିଶେଷରେ ସମାନ ଅଧିକାର ପ୍ରଦାନ କରିବ । ମୁସଲମାନ ମହିଳାଙ୍କୁ ଏଥିରେ ଅଧିକ ସୁରକ୍ଷା ପ୍ରଦାନ କରାଯାଇପାରିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ଦ୍ୱିତୀୟ ପାଳିର ୩ ବର୍ଷ ପୂର୍ତ୍ତି ଅବସରରେ ରୁଦ୍ରପୁର ଗାନ୍ଧି ପାର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଧାମି ଏହା କହିଛନ୍ତି । ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ଏହି ସଂହିତାକୁ ଗତ ଜାନୁଆରୀ ୨୭ ତାରିଖରେ କାର୍ଯ୍ୟକାରି କରିଛି ବୋଲି ସେ କହିଛନ୍ତି ।

## ଭାରତ-ରୁଷ

ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ୍ କହିଛନ୍ତି, ଭାରତ ସହ ରୁଷ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବାକୁ ପଦକ୍ଷେପ

ନେଉଛି । ଶ୍ରୀ ଲାଭ୍‌ରୋଭ୍‌ଙ୍କ ଉକ୍ତିକୁ ଆଧାର କରି ରୁଷ ସରକାରୀ ଗଣମାଧ୍ୟମ କହିଛି, ଚୀନ୍, ଭାରତ, ଇରାନ୍, ଉତ୍ତରକୋରିଆ ଏବଂ ସ୍ୱାଧୀନ ରାଷ୍ଟ୍ର ଗୋଷ୍ଠୀ ଦେଶଗୁଡ଼ିକ ସହ ରୁଷ ସକ୍ରିୟ ଭାଗିଦାରୀତାକୁ ବୃଦ୍ଧି କରିବା ନେଇ ପ୍ରୟାସ କରୁଛି । ବିଶ୍ୱର ଅଧିକାଂଶ ରାଷ୍ଟ୍ର ସହ ସମ୍ପର୍କ ବୃଦ୍ଧିକୁ ରୁଷ ପ୍ରାଥମିକତା ପ୍ରଦାନ କରୁଛି ବୋଲି ଶ୍ରୀ ଲାଭ୍‌ରୋଭ୍ କହିଛନ୍ତି । ସେ କହିଛନ୍ତି, ଚୀନ୍ ସହ ବ୍ୟାପକ ଭାଗିଦାରୀ ଏବଂ ରଣନୈତିକ ସହଯୋଗର ସମ୍ପର୍କ ପାରସ୍ପରିକ ବିଶ୍ୱାସ ଉପରେ ପର୍ଯ୍ୟବେଶିତ ଏବଂ ଅନ୍ୟ ପକ୍ଷରେ ଭାରତ ସହିତ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀ ବିକାଶ ପାଇଁ ରୁଷ ପଦକ୍ଷେପ ଗ୍ରହଣ କରୁଛି ।

# ଅଲିଭ୍ ରିଡ୍‌ଲେ

ଓଡ଼ିଶାର ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ମୁହାଣ ବେଳାଭୂମିରେ ଚଳିତବର୍ଷ ବହୁସଂଖ୍ୟାରେ ଅଲିଭ୍ ରିଡ୍‌ଲେଙ୍କ ଆଗମନ ଏବଂ ସମୂହ ଅଣ୍ଡାଦାନ ପୂର୍ବର ସମସ୍ତ ରେକର୍ଡ ଅତିକ୍ରମ କରିଛି । ପ୍ରଥମ ପର୍ଯ୍ୟାୟ ଏବଂ ଜାରି ରହିଥିବା ଦ୍ୱିତୀୟ ପର୍ଯ୍ୟାୟକୁ ମିଶାଇ ମୋଟ୍ ୮ ଲକ୍ଷ ୧୮ ହଜାର ୭୪୯ଟି କଇଁଛ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ପ୍ରଥମଥର ପାଇଁ ବିରଳ ବହୁରୂପୀ ସାମୁଦ୍ରିକ କଇଁଛ ହକ୍‌ସବିଲ୍ କଇଁଛ ଚିହ୍ନଟ କରାଯାଇଛି । ସେହି ପ୍ରଜାତିର କଇଁଛମାନେ ଏକକାଳିନ ୧୪୦ଟି

ଅଣ୍ଡାଦେଇ ବେଳାଭୂମିରୁ ଫେରିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଚିହ୍ନଟ କରିବା ଲାଗି କଇଁଛ ପିଠି ଉପରେ ସ୍ୱତନ୍ତ୍ର ଚିହ୍ନ ଦିଆଯାଇଛି । ବିଶେଷକରି ଶ୍ରୀଲଙ୍କାରେ ଦେଖାଯାଉଥିବା ସେହି ପ୍ରଜାତିର କଇଁଛମାନେ ପାଣିର ତୀବ୍ରତା ଅନୁସାରେ ରଙ୍ଗ ପରିବର୍ତ୍ତନ କରିଥାନ୍ତି । ଅନ୍ୟପକ୍ଷରେ ଋଷିକୂଲ୍ୟା ବେଳାଭୂମିରେ ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ୯୮ ହଜାର ୭୧୮ଟି କଇଁଛ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ୧ଲକ୍ଷ ୨୦ ହଜାର ୩୧ଟି କଇଁଛ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ।

## ଗାଜା-ଇସ୍ରାଏଲ୍

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଅସ୍ତ୍ରବିରତି ପୁନଃ କାର୍ଯ୍ୟକାରି କରିବା ଲକ୍ଷ୍ୟ ନେଇ ଇଜିପ୍ଟ ଏକ ନୂତନ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ପଣବନ୍ଦୀ ମୁକ୍ତ ଏବଂ ପର୍ଯ୍ୟାୟକ୍ରମେ ସେନା ଅପସାରଣ ନେଇ ଇଜିପ୍ଟ ପକ୍ଷରୁ ଏହି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି । ପ୍ରସ୍ତାବ ଅନୁଯାୟୀ ହମାସ ପ୍ରତି ସପ୍ତାହରେ ୫ ଜଣ ଇସ୍ରାଏଲ୍ ପଣବନ୍ଦୀକୁ ମୁକ୍ତ କରିବାକୁ କୁହାଯାଇଛି । ପଣବନ୍ଦୀ ମୁକ୍ତ ହେବାର ପ୍ରାରମ୍ଭିକ ସପ୍ତାହ ପରେ ଇସ୍ରାଏଲ୍ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି କାର୍ଯ୍ୟକାରି କରିବାକୁ ପ୍ରସ୍ତାବ ରହିଛି । ସୁରକ୍ଷା ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଉଭୟ

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ହମାସ ଏହି ପ୍ରସ୍ତାବରେ ସହମତି ପ୍ରକାଶ କରିଥିବା ବେଳେ ଇସ୍ରାଏଲ୍ କୌଣସି ପ୍ରତିକ୍ରିୟା ଦେଇନାହିଁ । ସବୁ ପଣବନ୍ଦୀଙ୍କୁ ମୁକ୍ତ କରିବା ଏବଂ ସେନା ପ୍ରତ୍ୟାହାର ନେଇ ଏକ ସମୟସୀମା ମଧ୍ୟ ଏହି ପ୍ରସ୍ତାବରେ ଧାର୍ଯ୍ୟ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକା ଏହି ଅସ୍ତ୍ରବିରତି ପ୍ରସ୍ତାବ ପାଇଁ ଗ୍ୟାରେଣ୍ଟି ପ୍ରଦାନ କରିଛି । ଦ୍ୱିପକ୍ଷିୟ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିର ଅବଧି ଶେଷ ହେବା ପରେ ଇସ୍ରାଏଲ୍ ପକ୍ଷରୁ ଉଭୟ ଆକାଶ ଏବଂ ସ୍ଥଳ ଅଭିଯାନକୁ ତୀବ୍ର କରାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ବିଶାଖାପଟନମ୍‌ର ୱାଇ.ଏସ୍. ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ ୧ ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍‌କୁ ହରାଇ ଦେଇଛି । ଦିଲ୍ଲୀ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୨୦୯ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ନିକୋଲାସ୍ ପୁରଣ ସର୍ବାଧିକ ୭୫ରନ୍ ଏବଂ ମିଚେଲ୍ ମାର୍ସ ୭୨ରନ୍ ସଂଗ୍ରହ କରିଥିଲେ ।

ବିଜୟ ଲକ୍ଷ୍ୟକୁ ଦିଲ୍ଲୀ ୧୯ ଓଭର ୩ଟି ବଲ୍‌ରେ ୯ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର

ସମ୍ମୁଖୀନ ହୋଇ ଦିଲ୍ଲୀ ୫ ୱିକେଟ୍‌ରେ ମାତ୍ର ୬୫ରନ୍ କରିଥିବା ବେଳେ ଇମ୍‌ପ୍ୟାକ୍ଟ ଖେଳାଳି ଭାବେ ଦଳରେ ସାମିଲ ହୋଇଥିବା ଆଶୁତୋଶ ଶର୍ମା ଏବଂ ଭିପରାଜ୍ ନିଗମ୍‌ଙ୍କ ଯୋଡ଼ି ଖେଳକୁ ଦିଲ୍ଲୀ ସପକ୍ଷକୁ ଆଣିପାରିଥିଲେ । ଆଶୁତୋଷ ଅପରାଜିତ ଦ୍ରୁତ ୬୬ରନ୍ ଏବଂ ଭିପରାଜ୍ ନିଗମ୍ ୩୯ରନ୍ ସଂଗ୍ରହ କରିଥିଲେ । ଆଶୁତୋଶ ଶର୍ମା ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଅହମ୍ମଦାବାଦ୍‌ଠାରେ ଆଜି ସନ୍ଧ୍ୟା ସାଢ଼େ ୭ଟାରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

## ଫୁଟବଲ୍

ଏ.ଏଫ୍.ସି. ଏସିଆନ୍ କପ୍ ୨୦୨୭ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଆଜି ଭାରତ-ବାଂଲାଦେଶ ପରସ୍ପରକୁ ଭେଟିବେ । ମେଘାଳୟର ସିଲଂ ସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ଭାରତ ଗତ ବୁଧବାର ଦିନ ମାଲଦୀପ ସହ ଖେଳିଥିବା ସୌହାର୍ଦ୍ଦପୂର୍ଣ୍ଣ ମ୍ୟାଚ୍‌ରେ ୩-୦ରେ ବିଜୟୀ ହୋଇଥିଲା । ଯୋଗ୍ୟତା ପର୍ଯ୍ୟାୟ ପାଇଁ ଗ୍ରୁପ୍ ପର୍ଯ୍ୟାୟ

ମ୍ୟାଚ୍‌ରେ ଭାରତ ଗ୍ରୁପ୍-ସି ରେ ହଂକଂ, ସିଙ୍ଗାପୁର ଏବଂ ବାଂଲାଦେଶ ସହ ସ୍ଥାନିତ ହୋଇଛି ।

## ବିସିସିଆଇ ଓ୍ୱିମ୍ୟାନ୍ କଣ୍ଟ୍ରାକ୍ଟ

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍  ମହିଳା କ୍ରିକେଟ୍ ଖେଳାଳିଙ୍କ ପାଇଁ ୨୦୨୪-୨୫ କ୍ରିକେଟ୍ ଋତୁ ଲାଗି ବାର୍ଷିକ ଚୁକ୍ତି ତାଲିକା ପ୍ରକାଶ କରିଛି । ଏହି ତାଲିକାରେ ୧୬ ଜଣ ଖେଳାଳି ସ୍ଥାନିତ ହୋଇଛନ୍ତି । ଭାରତୀୟ ମହିଳା ଦଳର ତିନି ପ୍ରମୁଖ ସଦସ୍ୟ ଅଧିନାୟିକା ହରମନପ୍ରୀତ କୌର, ସ୍ମୃତି ମନ୍ଧାନା ଏବଂ ଦୀପ୍ତି ଶର୍ମା 'ଏ' ଗ୍ରେଡ୍ ତାଲିକାଭୁକ୍ତ ହୋଇଛନ୍ତି । ସେହିଭଳି 'ବି' ଗ୍ରେଡ୍‌ରେ ୪ ଜଣ ଏବଂ 'ସି' ଗ୍ରେଡ୍‌ରେ ୯ ଜଣ ଖେଳାଳି ସ୍ଥାନିତ ହୋଇଛନ୍ତି । ଚୁକ୍ତି ବାବଦରେ 'ଏ' ଗ୍ରେଡ୍ ଖେଳାଳିଙ୍କୁ ବିସିସିଆଇ ବାର୍ଷିକ ୫୦ ଲକ୍ଷ ଟଙ୍କା, 'ବି' ଗ୍ରେଡ୍ ଖେଳାଳିଙ୍କୁ ୩୦ ଲକ୍ଷ ଟଙ୍କା ଏବଂ 'ସି' ଗ୍ରେଡ୍ ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରିବ । ଏହି ଚୁକ୍ତି ୧ ଅକ୍ଟୋବର ୨୦୨୪ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।